# ଅଞ୍ଚଳ ମହାବିଦ୍ୟାଳୟର ଜମି ଜବରଦଖଲ ନେଇ ଆଲୋଚନା

**ପଦ୍ମପୁର, ୨୬।୨(ସମିସ):** ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ନାଁରେ ପଟ୍ଟା ଥିବା ଜମି ଜବରଦଖଲ ହୋଇଛି। ଜମିକୁ ଅନୁଷ୍ଠାନର ଅଧୀନକୁ ଆଣିବା ପାଇଁ ଅଧ୍ୟକ୍ଷଙ୍କ ଖଗେଶ୍ୱର ଦାଶ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଶ୍ରୀ ଦାଶଙ୍କ ନେତୃତ୍ୱରେ ୧୦ ଜଣିଆ ଟିମ୍ ଗଠିତ ହୋଇଥିଲା। ଏଥିରେ ପ୍ରାଧ୍ୟାପକ ତାରା ପ୍ରସାଦ ଶତପଥୀ, ପ୍ରଭାତ ମହାପାତ୍ର, ବରିଷ୍ଠ ଅଧ୍ୟାପକ ପ୍ରମୋଦ ତ୍ରିପାଠୀ, ସନ୍ତୋଷ ମିଶ୍ର, ପ୍ରମୋଦ ପାଣିଗ୍ରାହୀ, ଡ.ସରୋଜ ନାୟକ, ଅଧ୍ୟାପକ ଭୁବନେଶ୍ୱର ବରିହା, ସମୀର ନାଗ ଓ କର୍ମଚାରୀ ମାନସ ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ୧୦ ଜଣିଆ ଟିମ୍ ମହାବିଦ୍ୟାଳୟରୁ ଟେଙ୍ଗନାପାଲି ଗାଁ ଅଭିମୁଖେ ଯାତ୍ରା କରିଥିଲେ। ଉକ୍ତ ଗାଁର ସ୍ୱର୍ଗତ ମଥୁରା ପୁରଲିଆ, ସ୍ୱାମୀ ସ୍ୱର୍ଗତ ଡମ୍ବରୁ ପୁରଲିଆ ଜିଲ୍ଲା ବରଗଡ଼, ତହସିଲ/ବ୍ଲକ ଗାଇସିଲାଟ ୧୯୭୭ ମସିହାରେ ୧୪ ଏକର ୮୮ ଡିସିମିଲ୍ ଜମି ଦାନସୂତ୍ରରେ ଅଞ୍ଚଳ ମହାବିଦ୍ୟାଳୟକୁ ଦାନ କରିଥିଲେ। ସେହି ଜମିର ପଟ୍ଟା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ନାଁରେ ହିଁ ରେକର୍ଡରେ ଅଛି। ତେବେ ସେହି ଜମିକୁ ଗାଁର ପୁରଲିଆ ବଂଶର ଦାୟାଦମାନେ ଜବରଦଖଲ କରି ଚାଷ କରୁଛନ୍ତି। ୧୦ ଜଣିଆ ଟିମ୍ ଟେଙ୍ଗନାପାଲି ଗାଁକୁ ଯାଇ ଜମିକୁ ସ୍ଥିତି ସମୀକ୍ଷା କରିବା ସହ ଜବରଦଖଲକାରୀଙ୍କ ସହ ସାକ୍ଷାତ କରି ଆଲୋଚନା କରିଛନ୍ତି।



# ବରଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ; ୪ ଗିରଫ

**ରେଢ଼ାଖୋଲ, ୨୬।୨(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ଅଧୀନରେ ବରଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଯୋଗ୍ୟ ଯେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା କଳାପଥର ଗ୍ରାମର ବିଶ୍ୱାମିତ୍ର ପ୍ରଧାନ ଗତ ୨୫ ତାରିଖ ଅପରାହ୍ନରେ ପରିବାର ସଦସ୍ୟଙ୍କ ସହିତ ତାଙ୍କ ପୁଅ ରୋହିତ ପ୍ରଧାନଙ୍କ ବିବାହ ପାଇଁ କାର୍ ଯୋଗେ ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ବଡବେର୍ଣ୍ଣା ଗ୍ରାମକୁ ଆସିଥିଲେ। ଚାରମାଳ ଥାନା ଅନ୍ତର୍ଗତ ବଡ଼ମାଳ ଗ୍ରାମ ମାଝିପଡ଼ାର ଆଲୋକ କୁମାର ସାହୁ ତାଙ୍କ ସହଯୋଗୀଙ୍କ ସହିତ ଗୋଟିଏ ବୋଲେରୋ ଯୋଗେ ଚକାମୁଣ୍ଡା ଛକ ନିକଟରେ ପହଞ୍ଚି ତାଙ୍କ ପୁଅ ରୋହିତ ପ୍ରଧାନଙ୍କୁ ଭୁଜାଲି ଏବଂ ଗୋଟିଏ ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଏଥିରେ ପରିବାର ଲୋକେ ଲିଖିତ ଅଭିଯୋଗ କ୍ରମେ ଚାରମାଳ ଥାନା କେସ ନମ୍ବର ୩୫/୨୬ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଚାରମାଳ ଥାନା ପୁଲିସ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ ଏବଂ ମାରଣାସ୍ତ୍ର ଜବତ କରିବାରେ ସକ୍ଷମ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ଅନ୍ତର୍ଗତ ବଡ଼ମାଳଗ୍ରାମ ମାଝିପଡ଼ାର ଆଲୋକ କୁମାର ସାହୁ (୩୬), ଲିପୁନ ଥାପା (୧୯), ପ୍ରତାପ ଦେହୁରୀ ଓ ବଡ଼ମାଳ ଗ୍ରାମ ଟିକିରାପଡ଼ାର ବାବୁଲାଲ ବାଘ (୨୮)। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ଏକ ବୋଲେରୋ ଗାଡ଼ି, ଲୁହା କଟୁରୀ, ଲୁହା ପାଇପ, ୨ଟି ମୋବାଇଲ ଫୋନ ଓ ନଗଦ ୧୨ ହଜାର ୯୭୦ ଟଙ୍କା ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।



# ଅବର୍ଜନା ପାଇଁ ସୌନ୍ଦର୍ଯ୍ୟ ହରାଉଛି ବିଜେପୁର

**ବିଜେପୁର, ୨୬।୨ (ସମିସ):** ଏନ୍‌ଏସି ଘୋଷଣା ପରେ ବିଜେପୁରବାସୀଙ୍କ ଖୁସି ଦ୍ୱିଗୁଣିତ ହୋଇଥିଲା। ବିଜେପୁର ଏକ ମଡେଲ ସହରରେ ପରିଣତ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ। କିନ୍ତୁ ବିଜେପୁରର ବିକାଶ ଆଶାନୁରୂପ ଭାବେ ହୋଇନାହିଁ। କର୍ତ୍ତୃପକ୍ଷଙ୍କ ଅବହେଳା ଓ ଉଦାସୀନତା ଏଥିପାଇଁ ଦାୟୀ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଜେପୁରର ବିଭିନ୍ନ ୱାର୍ଡରେ ମଇଳା ଆବର୍ଜନା ଖୋଲାରେ ପଡ଼ି ରହିଛି। ଖରାଦିନେ ମଧ୍ୟ ସବୁଠି ନର୍ଦ୍ଦମା ପାଣି ଜମା ହେଉଛି। ଦୂଷିତ ପାଣି, ଆବର୍ଜନା ଓ ଦୁର୍ଗନ୍ଧ ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଡଷ୍ଟବିନର ବ୍ୟବହାର ତଥା ସଫେଇ ଠିକ ଭାବେ ହେଉନାହିଁ। ବିଜେପୁରରେ ବ୍ଲକ, ତହସିଲ, କୋର୍ଟ, ଷ୍ଟେଟ ବ୍ୟାଙ୍କ, କୋଅପ୍ରେଟିଭ ବ୍ୟାଙ୍କ, କୃଷି କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଡାକଘର, ଥାନା, ପ୍ରାଥମିକ ବିଦ୍ୟାଳୟଠୁ ଆରମ୍ଭ କରି ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ଆଦି ସରକାରୀ ବେସରକାରୀ ଅଫିସମାନ ରହିଛି। ତେଣୁ ପ୍ରତିଦିନ ହଜାର ସଂଖ୍ୟାରେ ବାହାର ଲୋକେ ମଧ୍ୟ ବିଜେପୁରକୁ ଆସିଥାନ୍ତି। ସେପଟେ ସହରର ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ବସ୍ତି ଅଞ୍ଚଳରେ ସବୁଠି ଡ୍ରେନ ନାହିଁ। ସାମାନ୍ୟ ବର୍ଷା ହେଲେ ମଇଳାପାଣି ଘରକୁ ପଶୁଛି। ଷ୍ଟ୍ରିଟ ଲାଇଟ ଥିଲେ ହେଁ କାମ କରୁନି। ପୁଣି ଛାତ୍ରଛାତ୍ରୀଙ୍କ ଅବସର ବିନୋଦନ ବା ସୁରକ୍ଷିତ ଭାବେ ଲୋକଙ୍କ ସମୟ ଅତିବାହିତ ପାଇଁ କୌଣସି ପ୍ରମୋଦଉଦ୍ୟାନ (ପାର୍କ) କିମ୍ବା ଉନ୍ନତ ମାନର ଖେଳପଡ଼ିଆ ନାହିଁ। ବିଜେପୁର ସଦର ଗାଁ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। କିନ୍ତୁ ଆବଶ୍ୟକୀୟ ଭିତ୍ତିଭୂମୀର ଅଭାବରୁ ବ୍ୟବସାୟୀ ମାନେ ତାଙ୍କର ବ୍ୟବସାୟ ବଢ଼ାଇ ପାରୁ ନାହାନ୍ତି। ବିଭିନ୍ନ କ୍ଷେତ୍ରରେ ଏଠାରେ ଆଖିଦୃଶିଆ ଉନ୍ନତି ହୋଇପାରୁ ନାହିଁ। ତେଣୁ ଏନ୍‌ଏସି କର୍ତ୍ତୃପକ୍ଷ ବିଜେପୁରର ବିକାଶ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ଦୃଢ଼ ମତ ପ୍ରକାଶ ପାଇଛି।



# ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବରଗଡ଼, ୨୬।୨(ସମିସ):** କଂଗ୍ରେସ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ ପ୍ରତିବାଦରେ ମନ୍ତ୍ରୀ କିରଣ ରିଜିଜୁ ଓ ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବୁଧବାର ଲିଖିତ ଏତଲା ପ୍ରଦାନ କରାଯାଇଛି। ବରଗଡ଼ କଚେରି ପ୍ରାଙ୍ଗଣରେ କଂଗ୍ରେସ କମିଟି ସଦସ୍ୟ ଏକତ୍ରିତ ହୋଇ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ବିଶାଳ ଶୋଭାଯାତ୍ରାରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ କଂଗ୍ରେସ ନେତା ସରୋଜ ଷଡଙ୍ଗୀ, ଅନନ୍ତଶୟନ ପାଢ଼ୀ, କିଶୋର ଦଫାଦାର, ବ୍ରହ୍ମାନନ୍ଦ ମହାକୁଡ, ପ୍ରତାପ ଚନ୍ଦ୍ର ନାୟକ, ଆନନ୍ଦ ପ୍ରଧାନ, ପାଣ୍ଡବ କର୍ଣ୍ଣ, ରମେଶ ପଣ୍ଡା, ଭବାନୀ ଶଙ୍କର ପାଢ଼ୀ, ରବିନ ଦାଶ, ଗୌନ୍ତିଆ ସାହୁ, ବୈକୁଣ୍ଠ ଷଡଙ୍ଗୀ, ଗୁଣନିଧି ମିଶ୍ର, ସୁନୀତା ବାଗ, ସୁଶାନ୍ତ ସାହୁ, ମାଧବ ସାହୁ, ଗୋବିନ୍ଦ ସାହୁ, ପଞ୍ଚାନନ ମିଶ୍ର, ମୋତିଲାଲ ଦାଶ, ଶ୍ରୀମନ୍ତ ବାରିକ, ବିମଲ ଶିକ୍କା, ଫଗନୁ ମହାନନ୍ଦ, ସୁଶିଲ ଭୋଇ, ଅନନ୍ତ ତାଣ୍ଡି, ଗଣେଶ ନାଇଡୁ, ଯୁଧିଷ୍ଠିର ଭୋଏ, ଦୁର୍ଗାମାଧବ ତ୍ରିପାଠୀ ଓ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



# ରାସେଶ୍ୱରୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୬।୨ (ସମିସ) :** ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ସେଚ୍ଛାସେବୀ ସଂଗଠନ ସୋସିଆଲ ଏଣ୍ଡ କଲଚରାଲ ଏଡ଼ଭାନ୍ସ୍ ନେଟୱାର୍କ (ସ୍କାନ) ପକ୍ଷରୁ ଗୁରୁବାର ଅପରାହ୍ଣରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସମାଜସେବୀ, ପରୋପକାରୀ, ସ୍ୱାଧୀନଚେତା, ସେବା ଓ ତ୍ୟାଗର ନିଦର୍ଶନ, ମହିୟସୀ ଜନନାୟିକା, ଲବ୍ଧ ପ୍ରତିଷ୍ଠିତ ସୁନାମଧନ୍ୟା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତି ଚାରଣ କରିବାସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ 'ସ୍କାନ' ପକ୍ଷରୁ ପ୍ରତିବର୍ଷ ଡାକ୍ତର ରାସେଶ୍ୱରୀ ସେବା ସମ୍ମାନ ଦିଆଯିବାକୁ ନିଷ୍ପତ୍ତି ନିଆଯିବାସହ ଶାନ୍ତିନଗର ରାସ୍ତାକୁ ଡାକ୍ତର ରାସେଶ୍ୱରୀ ମାର୍ଗ ନାମରେ ନାମିତ କରିବାକୁ ଦାବି କରାଯାଇଥିଲା। 'ସ୍କାନ' ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାରଣା ସଭାପତିତ୍ୱ କରି ପ୍ରତିବର୍ଷ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଉଥିବା 'ସ୍କାନ' ସେବା ସମ୍ମାନକୁ ଆଗାମୀ ବର୍ଷଠାରୁ ଡାକ୍ତର ରାସେଶ୍ୱରୀ ସେବା ସମ୍ମାନ ନାମରେ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ନିରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କୁଳଶେଖର ବାରିକ, ପ୍ରକଳ୍ପ ସଂଯୋଜକ ସୂର୍ଯ୍ୟ ପଣ୍ଡା ସହଯୋଗ କରିଥିବା ବେଳେ ସଂଯୋଜକ ସରୋଜ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ବିଶ୍ୱଶାନ୍ତି ଯଜ୍ଞ ଅବସରରେ ରକ୍ତଦାନ ଶିବିର

**ବରଗଡ଼, ୨୬।୨(ସମିସ):** ବରଗଡ଼ ବ୍ଲକ ଅଧୀନ ନୂଆଁ ଗୁଡେଶିରା ଗାଁରେ ୧୬ ତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ଅବସରରେ ନୂଆଁ ଗୁଡେଶିରା ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସିମେଣ୍ଟ ଫ୍ୟାକ୍ଟ୍ରି ମଠ, ବରଗଡ଼ର ଗୁରୁ ଭରତ ଦାଶଙ୍କ ଶିଷ୍ୟ ବାବା ଦଳ ଦାଶ ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୪୨ୟୁନିଟ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରର ସଦସ୍ୟ ଓ ନୂଆଁ ଗୁଡେଶିରା ଗ୍ରାମବାସୀ ଶିବିରର ପରିଚାଳନା କରିଥିଲେ। ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଗ୍ରାମବାସୀଙ୍କୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତଦାତା, ସହଯୋଗୀ, ଶୁଭେଚ୍ଛୁ ବିଶେଷ କରି ନୂଆଁ ଗୁଡେଶିରାର ଟିମ୍ ନିଷ୍ଠା ଓ ଗ୍ରାମବାସୀଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

**୪୨ ୟୁନିଟ୍ ରକ୍ତ ସଂଗ୍ରହ**

# ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦ ଗଠିତ

**ପାଇକମାଳ, ୨୬।୨(ସମିସ):** ପାଇକମାଳ ବ୍ଲକ ପବିତ୍ର ନୃସିଂହନାଥ ଯାତ୍ରୀ ନିବାସ ପରିସରରେ ଗନ୍ଧମାର୍ଦ୍ଦନ ବିକାଶ ପରିଷଦ ଗୁରୁବାର ଗଠନ ହୋଇଯାଇଛି। ଏନେଇ ଅନୁଷ୍ଠିତ ବୈଠକରେ ସଞ୍ଜୟ ବହିଦାର ସଭାପତିତ୍ୱ କରିଥିବା ବେଳେ ରାଜ ସେଠଙ୍କ ଆବାହନକ୍ରମେ ଅନେକ ବ୍ୟକ୍ତି ଯୋଗ ଦେଇଥିଲେ। ସମସ୍ତେ ଗନ୍ଧମାର୍ଦ୍ଦନର ବିକାଶ ନିମନ୍ତେ ଶପଥ ନେଇ ଆଗାମୀ ଦିନରେ ଗନ୍ଧମାର୍ଦ୍ଦନ ପର୍ବତ ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ଠାରେ ଜଣାଇ ପର୍ବତର ସୁରକ୍ଷା ପାଇଁ ସଂଗ୍ରାମ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ସର୍ବସମ୍ମତି କ୍ରମେ ବିକାଶ ପରିଷଦ କେନ୍ଦ୍ରୀୟ ଆବାହକ ଭାବେରାଜ ସେଠ, ଉପଦେଷ୍ଟା ଭାବେ ସଞ୍ଜୟ ବହିଦାର, ସମ୍ପାଦକ ଭାବେ ମୋହନ ଜଗତ, କାର୍ଯ୍ୟକାରୀ ସଦସ୍ୟ ଭାବେ ଧବଳେଶ୍ୱର ସାହୁ, କ୍ଷେତ୍ରୀ ଲୁହାର, ଜଳନ୍ଧର ତାଣ୍ଡି, ସୁଶୀଲ ନାୟକ, କୁଶଧ୍ୱଜ ମାଝୀ, ଶଶିକାନ୍ତ ଧରୁଆ, ସୁବାସ ଧରୁଆ, ମକାରୁ ଛତର, ଅନୁପ ସାହୁଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ସମସ୍ତଙ୍କୁ ସୁଶୀଲ ନାୟକ ଧନ୍ୟବାଦ ଦେଇଥିଲେ।

# ପିଏମ୍‌ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ

**ବରଗଡ଼, ୨୬।୨(ସମିସ):** ପିଏମ୍‌ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ଅଧ୍ୟକ୍ଷତାରେ ଗଣିତ ଓ ବିଜ୍ଞାନ ସାର୍କିଲ ପ୍ରଦର୍ଶନୀ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନମୋହନ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସମ୍ପାଦକ ନବକିଶୋର ପାଣିଗ୍ରାହୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କବିସୂର୍ଯ୍ୟ ସାହୁ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୬୦ଟି ବିଜ୍ଞାନ ଏବଂ ଗଣିତ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିବା ପାଇଁ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ପାଇଁ ଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁରେଶ ଦାଶ କାର୍ଯ୍ୟକ୍ରମର ପରିଚାଳନା ଏବଂ ସଂଯୋଜନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମମତା ବିଶିଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ମମତା ବିଶି ପ୍ରଦର୍ଶନୀ ଉପରେ ସନ୍ଦର୍ଭ ପାଠ କରି ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ ଉଦ୍‌ଯାପିତ

**ସମ୍ବଲପୁର, ୨୬।୨ (ସମିସ) :** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆସନ୍ତା ୨୦୨୭ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଜନଗଣନା ଅଧିକାରୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଭିଷେକ ମିଶ୍ର ଏବଂ ପରିସଂଖ୍ୟାନ ଅନୁସନ୍ଧାନକାରୀ (ଗ୍ରେଡ-୨) ଆଶୁତୋଷ କୁମାର ସିଂହ ତାଲିମ ଦେଇଥିଲେ। ପ୍ରଶିକ୍ଷଣରେ ଅଧିକାରୀମାନଙ୍କୁ ଘର ତାଲିକାକରଣ ଓ ଗୃହ ଜନଗଣନା (ହାଉସ୍ ଲିଷ୍ଟିଂ ଆଣ୍ଡ ହାଉସ୍ ସେନ୍‌ସସ୍) ସମ୍ବନ୍ଧୀୟ ଧାରଣା, ପରିଭାଷା ଓ ପ୍ରଶ୍ନାବଳୀ ବିଷୟରେ ବିସ୍ତୃତ ଅଲୋଚନା କରାଯାଇଛି। ସେଥିସହିତ ଏଚ୍‌ଏଲ୍‌ଓ ମାଧ୍ୟମରେ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ସିଏମ୍‌ଏମ୍‌ଏସ୍ (ସେନ୍‌ସସ୍ ମ୍ୟାନେଜମେଣ୍ଟ ଆଣ୍ଡ ମନିଟରିଂ ସିଷ୍ଟମ୍) ପୋର୍ଟାଲର ବିଭିନ୍ନ ବୈଶିଷ୍ଟ୍ୟ, ଏଚ୍‌ଏଲ୍‌ବିସି ୱେବ୍ ଆପ୍ଲିକେସନ୍, ଜିଆଇଏସ୍ ମ୍ୟାପିଙ୍ଗ, ଡିସିଏଚ୍‌ବି ଓ ସ୍ୱୟଂ-ଗଣନା (ସେଲ୍‌ଫ ଏନୁମରେସନ୍) ପ୍ରକ୍ରିୟା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ପୌରନିର୍ବାହୀ ଅଧିକାରୀଙ୍କ ସମେତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର ଜନଗଣନା କାର୍ଯ୍ୟ ସହ ଜଡିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ।



# କଲମ ପରିବାର ଟ୍ରଷ୍ଟ ପକ୍ଷରୁ ପାନ ଦିବସ

**ସମ୍ବଲପୁର, ୨୬।୨ (ସମିସ) :** କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ପାନ ଦିବସ ପାଳିତ ହୋଇଯାଇଛି। ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡଃ ଶ୍ୟାମସୁନ୍ଦର ଧର, ଅତିଥିଭାବେ ସାହିତ୍ୟିକ ଲକ୍ଷ୍ମୀନାରାୟଣ ପଣ୍ଡା ଏବଂ କଳା ପରିଷଦର ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ପାନ (ତାମ୍ବୁଲ) ଆମ ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ଅଟେ। ଧାର୍ମିକ କାର୍ଯ୍ୟ ହେଉ ବା ସାମାଜିକ କାର୍ଯ୍ୟ ସବୁଠି ପାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାନ ଦିବସ ଆୟୋଜନରେ ସମାଜସେବୀ ସମୀର ରଞ୍ଜନ ବାବୁ ସହଯୋଗ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପସଭାପତି ଜୟକୃଷ୍ଣ ବେହେରା ସହଯୋଗ କରିଥିଲେ। ସଭାପରେ ସୁପ୍ରିୟା ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଅନୁପମା ବିଶ୍ୱାଳ, ପ୍ରଭଞ୍ଜନ ପୁରୋହିତ, ଆଭାସ ପଣ୍ଡା, ଭବାନୀ ଶଙ୍କର ମେହେର, ସୁଷମା ହୋତା, କାଳିନ୍ଦୀ ପ୍ରତାପ ସିଂହ, ସିଦ୍ଧି ସ୍ୱରୂପା ପାଢ଼ୀ, ସୂର୍ଯ୍ୟ ପାଣିଗ୍ରାହୀ, ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରଦୀପ ଯୋଶୀ, ସୁଷମା ପ୍ରଧାନ, ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପରାମର୍ଶଦାତା କମିଟିର ସଦସ୍ୟ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବଡରମାରେ ବନାଗ୍ନୀ ସଚେତନତା ରଥ ଶୁଭାରମ୍ଭ

**ଜମନକିରା, ୨୬।୨(ସମିସ):** ବାମରା ବନଖଣ୍ଡ ବଡରମା ରେଞ୍ଜର ଗିରିଧାରୀ ପଧାନଙ୍କ ତତ୍ତ୍ୱାଧାନରେ ବଡରମା ରେଞ୍ଜ କାର୍ଯ୍ୟାଳୟ ପରିସରରୁ ବନାଗ୍ନୀ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ ବିଜୟ କୁମାର ନାଏକ ପତାକା ଦେଖାଇ ଶୁଭ ଆରମ୍ଭ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାମରା ବନଖଣ୍ଡ ଡ଼ିଏଫଓ ବିକ୍ରମଦେବ ପଟ୍ଟନାୟକ, ଏସିଏଫ ଆଲୋକ କୁମାର ଷଡ଼ଙ୍ଗୀ ଏବଂ ରେଶମା ଲାକ୍ରାଙ୍କ ସହିତ ବଡରମା କଣ୍ଟ୍ରୋଲରୁମ ଦାୟିତ୍ୱରେ ଥିବା ଫରେଷ୍ଟର ଅଜମେର ଜୟପୁରିଆ, ଅଫିସ ଦାୟିତ୍ୱରେ ଥିବା ଫରେଷ୍ଟର ଚୂଡ଼ାମଣି ନାଏକ, ଫରେଷ୍ଟର ଆନନ୍ଦ ପରିଡ଼ା, ଫରେଷ୍ଟ ଗାର୍ଡ ଶୁଦୀପ୍ତା ନାୟକ, ଦେବାର୍ଚ୍ଚନା ସୁତାର ସହିତ ବଡରମା ଗ୍ରାମ ବାସି ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ମହୁଲ ତୋଳା ଆରମ୍ଭ ହେଉଥବା ଯୋଗୁଁ ଜଙ୍ଗଲରେ ନିଆଁ ଲାଗିଥାଏ। ସଚେତନତା ରଥ ମାଧ୍ୟମରେ ବଡରମା ରେଞ୍ଜ ଅଧୀନରେ ଥିବା ଗ୍ରାମକୁ ଯାଇ ଜନସାଧାରଣଙ୍କୁ ସଚେତନ କରାଇବା ରଥର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଆଦେଶ ଅନୁଯାଇ ବାମରା ଡ଼ିଏଫଓ ଶ୍ରୀ ବିକ୍ରମଦେବ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବଡରମା ରେଞ୍ଜରେ ଏହି କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ସଚେତନତା ଉଦ୍ଦ୍ୟେଶରେ ଆୟୋଜନ କରାଯାଇଥିଲା। ଜଙ୍ଗଲ ସୁରକ୍ଷିତ ରହିଲେ ମନୁଷ୍ୟ ଜୀବନ ସୁରକ୍ଷିତ ରହିବ ବୋଲି ରେଞ୍ଜର ଗିରିଧାରୀ ପଧାନ କହିଥିଲେ। ଆଗାମୀ ମେ ମାସ ପର୍ଯ୍ୟନ୍ତ ରଥ ବଡରମା ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ।ଆମେ ଏକ ସୁସ୍ଥ ପରିବେଶ ସହିତ ସୁସ୍ଥ ଜୀବନ ମଧ୍ୟ ପାଇବା ବୋଲି ବଡରମା ସରପଞ୍ଚ ବିଜୟ ନାଏକ ମତପ୍ରକାଶ କରି କହିଛନ୍ତି।

# ଗୁଣ୍ଡିଖାଇ ଭେଟ୍‌ଘାଟ୍ ଅବସରରେ ବିଭିନ୍ନ ପ୍ରତିଯୋଗିତା



**ସମ୍ବଲପୁର, ୨୬।୨ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଅନୁଷ୍ଠାନ ପରିସରରେ ଗୁଣ୍ଡିଖାଇ ଭେଟ୍‌ଘାଟ ଅବସରରେ ସ୍କୁଲ ଓ କଲେଜସ୍ତରୀୟ ବକ୍ତୃତା, ସମ୍ବଲପୁରୀ ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ପ୍ରତିଯୋଗିତାର ନିୟମ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିବାବେଳେ ସମ୍ପାଦକ ଦୀନବନ୍ଧୁ ପଣ୍ଡା ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଚାରକ ଭାବେ ବକ୍ତୃତାରେ ମନୋରଞ୍ଜନ ପଟ୍ଟନାୟକ, ରାମେଶ୍ୱର ପାଢ଼ୀ, ରତ୍ନଭୂଷଣ ପୁରୁଷେଠ ଓ ଏମ୍ ରାମକୁମାର ରାଓ, ଗୀତରେ ମୋତିଲାଲ ଦୋରା ଓ ତ୍ରିଲୋଚନ ତ୍ରିପାଠୀ ଏବଂ ଚିତ୍ରାଙ୍କନରେ ପ୍ରଶାନ୍ତ ମାଝୀ, ରାଧା ରମଣ ମୁଦୁଲି ଓ ପବିତ୍ର ବେରିହା ଯୋଗ ଦେଇଥିଲେ।

ବକ୍ତୃତା ପ୍ରତିଯୋଗିତା ସ୍କୁଲସ୍ତରରେ ଭିଖମ୍‌ପୁର ହାଇସ୍କୁଲର ପ୍ରକୃତି ଅଗ୍ରୱାଲ ପ୍ରଥମ, ବିକାଶ ସ୍କୁଲର ଅନ୍ୱେଷା ପାଣିଗ୍ରାହୀ ଦ୍ୱିତୀୟ ଓ ଗୁରୁନାନକ ପବ୍ଲିକ ସ୍କୁଲର ପ୍ରକୃତି ଜେନା ତୃତୀୟସ୍ଥାନ ଏବଂ କଲେଜସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଜ୍ୟୋତିର୍ମୟୀ ପ୍ରଧାନ ଦ୍ୱିତୀୟ ଓ ବିକାଶ ହାୟର୍ ସେକେଣ୍ଡାରୀ ସ୍କୁଲର ଅରୁନୀତା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସମ୍ବଲପୁରୀ ଗୀତ ଗାଇବା ପ୍ରତିଯୋଗିତା ସ୍କୁଲସ୍ତରରେ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲର ବରେଣ୍ୟା ଗୌତମୀ ବରାଳ ପ୍ରଥମ, ଲେଡିଲୁଇସ ବାଳିକା ବିଦ୍ୟାଳୟର ଚିନ୍ମୟୀ ସାହୁ ଦ୍ୱିତୀୟ ଓ ଶ୍ରୀ ଅରବିନ୍ଦ ସ୍କୁଲର ମନମୋହନ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କଲେଜସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ସୁଶ୍ରୀ ଶ୍ରଦ୍ଧା ମିଶ୍ର ପ୍ରଥମ ଓ ଅର୍ଚ୍ଚିକା ପ୍ରିୟଦର୍ଶିନୀ ପଣ୍ଡା ଦ୍ୱିତୀୟ ଏବଂ ପ୍ରଜ୍ଞାଶ୍ରୀ ଅଦାବର୍ ଓ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ସୌମ୍ୟରଞ୍ଜନ ସାହୁ ଯୁଗ୍ମ ତୃତୀୟ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ସ୍ତରରେ ବିକାଶ ସ୍କୁଲର ଶିବାଂଶ ଦାଫେଦାର ପ୍ରଥମ, କନଭେଣ୍ଟ ସ୍କୁଲର ଶ୍ରୀଜଲ୍ ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଗୁରୁନାନକ ପବ୍ଲିକ ସ୍କୁଲର ଆସ୍ଥା ଜେନା ତୃତୀୟ ହୋଇଛନ୍ତି। ହାଇସ୍କୁଲସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ଶାଶ୍ୱତ ପଣ୍ଡା ପ୍ରଥମ, ବିକାଶ ସ୍କୁଲର ସ୍ୱାତି ଏସ୍ ଜେନା ଦ୍ୱିତୀୟ ଓ ଶ୍ରୀ ଅରବିନ୍ଦ ସ୍କୁଲର ସିମ୍ରନ୍ ରାଉତ ତୃତୀୟ ହୋଇଛନ୍ତି। ଚିତ୍ରାଙ୍କନ କଲେଜସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରଥମ, ଆଶ୍ରିତା ଦିପ ଦ୍ୱିତୀୟ ଓ ତମନ୍ନା ତାରାନନୁମ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୟାମସୁନ୍ଦର ଅଗ୍ରୱାଲ, ତାପସ ଦାସ, ଶିବଶଙ୍କର ଷଡ଼ଙ୍ଗୀ, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ମାର୍ଚ୍ଚ ୩ ତାରିଖ ଗୁଣ୍ଡିଖାଇ ଭେଟ୍‌ଘାଟ ଉତ୍ସବରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

**ସରକାରୀ ଘୋଷଣା ପାଣିରେଗାର**

# ଭଙ୍ଗା ଦଦରା ଘରେ ଅସହାୟ ପରିବାର

**କୁଚିଣ୍ଡା, ୨୬ ।୨(ସମିସ)**

ସରକାରଙ୍କ ଗ୍ରାମୀଣ ଆବାସ ଯୋଜନାର ବିକଳଚିତ୍ର କୁଚିଣ୍ଡା ବ୍ଲକ ବକ୍ସମାପଞ୍ଚାୟତର ଚାରଭାଟି ଗ୍ରାମରେ ଦେଖିବାକୁ ମିଳୁଛି। ଯୋଗ୍ୟ ହୋଇଥିଲେ ମଧ୍ୟ ଯୋଜନାରେ ଘର ଖଣ୍ଡିଏ ନ ପାଇ ବାଧ୍ୟ ହୋଇ ଗୋଟିଏ ପରିବାରର ସାତ ଜଣ ସଦସ୍ୟ ଜୀବନକୁ ବିପଦରେ ପକାଇ ତାଙ୍କର ଭଙ୍ଗା ଦଦରା ଘରେ ଦୀର୍ଘ ଦିନ ଧରି ରହି ଆସୁଛନ୍ତି। ଗରିବ ପରିବାରକୁ ଘର ଯୋଗାଇ ଦେବା ପାଇଁ ସରକାର ଗ୍ରାମୀଣ ଆବାସ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।ମାତ୍ର ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ।ବକ୍ସମା ପଞ୍ଚାୟତର ବହୁ ଲୋକ ପଞ୍ଚାୟତ କର୍ମଚାରୀଙ୍କୁ ପ୍ରଭାବିତ କରି ଦୁଇଟି ଲେଖାଏଁ ଘର ପାଇ ସାରିଥିବା ବେଳେ ଏହି ପଞ୍ଚାୟତର ଚାରଭାଟି ଗ୍ରାମର ଭୂତୁଲୁ ପ୍ରଧାନଙ୍କ ପରିବାର ଯୋଗ୍ୟ ହୋଇ ମଧ୍ୟ ଘର ନ ପାଇବାରୁ ଗୋଟିଏ ଭଙ୍ଗା ଦଦରା ଘରେ ଭୂତୁଲୁ ତାଙ୍କ ସ୍ତ୍ରୀ ଦୁଇ ପୁଅ ଜଣେ ବହୁ ଏବଂ ଦୁଇ ନାତି ନାତୁଣୀଙ୍କ ସହ ଜୀବନକୁ ବିପଦରେ ପକାଇ ରହି ଆସୁଛନ୍ତି। ଅନେକ ଥର ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଏବଂ ବ୍ଲକକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଭାଗ୍ୟକୁ ଆଦରି ସେହି ଭଙ୍ଗା ଘରେ ପରିବାରର ସାତ ଜଣ ସଦସ୍ୟଙ୍କ ସହ ରହୁଛନ୍ତି। ସେହି ଘରକୁ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡେ ଯେ, ଏପରି ଏକ ବିପଦପୂର୍ଣ୍ଣ ଘରେ ସେମାନେ ରହିବାକୁ କିପରି ସାହସ କରି ପାରୁଛନ୍ତି। ଭୂତୁଲୁ ବର୍ତ୍ତମାନ ରୋଗ ଶର୍ଯାରେ ଶଯ୍ୟାଶାୟୀ ଆଉ ଧାଁ ଧପଡ କରି ନ ପାରି ଭାଗ୍ୟକୁ ଆଦରି ସେହି ଘରେ ପଡ଼ି ରହଛନ୍ତି। କେତେବେଳେ ଘରଟି ଭାଙ୍ଗି ଯାଇ ସେମାନଙ୍କ ଜୀବନ ବିପଦରେ ପଡ଼ିବ ତାହା କହିହେଉ ନାହିଁ। ତେବେ ଭୂତୁଲୁଙ୍କ ସମସ୍ୟା ବାବଦରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ, ଏବାବଦରେ ସୂଚନା ପାଇ ସମ୍ପୃକ୍ତ ପଞ୍ଚାୟତର ପିଇଓଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ତାଙ୍କ ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମତ ଦେଇଥିଲେ। ବର୍ତ୍ତମାନ ଅନ୍ତ୍ୟୋଦୟ ଯୋଜନାରେ ବକ୍ସମା ପଞ୍ଚାୟତକୁ ୧୧ ଟି ଘର ଆସିଥିବା ବେଳେ ପରିବାରକୁ ଘର ମିଳୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।



# ମାଲକେନ ଡ୍ୟାମ୍‌ରେ ପ୍ରକୃତି ଶିକ୍ଷଣ କାର୍ଯ୍ୟକ୍ରମ

**ଗାଇସିଲେଟ, ୨୬।୨(ସମିସ)**

ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଗାଇସିଲେଟ ବ୍ଲକ ଅଧୀନ ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ପଲ୍ଲୀ ବିକାଶ ଭାଙ୍ଗମୁଣ୍ଡା, ବେହେରାମୁଣ୍ଡା ଛକର ଛାତ୍ରଛାତ୍ରୀଙ୍କୁ ନେଇ ଇକୋ ଟୁରିଜିମ ମାଲକେନ ଡ୍ୟାମ ଠାରେ ଏକ ପ୍ରକୃତି ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଇକୋ କ୍ଲବ୍‌ର ମୁଖ୍ୟ ଧନଞ୍ଜୟ ଭୋଇ ଓ ରାକେଶ ପୁରୋହିତଙ୍କ ନିରୀକ୍ଷଣରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଛେଲିଆ ପୋଢ଼ ସାଧନକର୍ମୀ ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବୃକ୍ଷଲତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ତାହା ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ। ପ୍ରକୃତି ନିବାସରେ ବିଭିନ୍ନ ପ୍ରାଣୀ ଓ ଡ୍ୟାମକୁ ଆସୁଥିବା ପକ୍ଷୀଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। କଟାବହାଲର ଇଂରାଜୀ ଶିକ୍ଷକ ତଥା ପ୍ରକୃତିବନ୍ଧୁ ବିପିନ ବିହାରୀ ନନ୍ଦ ବ୍ୟାପକ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ନେତାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ବାରିକ ଚାରାରୋପଣ କରିବାକୁ ଉପଦେଶ ସହ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ଜନସାଧାରଣଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ପରେ କଟାବହାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଛେଲିଆ ପୋଢ଼, ବିଜୟ ଦେବତା, ଅନଙ୍ଗ ସାହୁ, ପରିବେଶ ପ୍ରେମୀ ପ୍ରମୋଦ ସାହୁ, କଂଗ୍ରେସ ସାହୁ, ନବୀନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଜଗନ୍ନାଥ ସାହୁ, ଘନଶ୍ୟାମ ପାଣିଗ୍ରାହୀ, ଗଙ୍ଗାଧର ସାହୁ, ଦୁର୍ବାଦଳ ବୁଡେକ, ଗୁଣନିଧି ସାହୁ, ବିଶ୍ୱାମିତ୍ର ବନଛୋର ପ୍ରମୁଖ ସହଯୋଗ କରିଥିଲେ।



# ଡୁମ୍ରେବାହାଲରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ

**ପାଇକମାଲ, ୨୬।୨ (ସମିସ):** ଡୁମ୍ରେବାହାଲ ଗାଁରେ ରାଧାକୃଷ୍ଣ ମନ୍ଦିର ପ୍ରାଣ ପ୍ରତିଷ୍ଠା ୧୨ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀଶ୍ରୀରାଧାକୃଷ୍ଣ ମହାପ୍ରଭୁଙ୍କ ଯୁଗଜନ୍ମ ମହୋତ୍ସବ ଓ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ମହାସମାରୋହରେ ଆୟୋଜିତ



ହେଉଛି। ଫେବୃଆରୀ ୨୬ରୁ ଆରମ୍ଭ ହୋଇଥିବା ନାମଯଜ୍ଞ ମାର୍ଚ୍ଚ ୨ରେ ପୂର୍ଣ୍ଣାହୂତି ହୋଇ ସମ୍ପନ୍ନ ହେବ। ଏନେଇ ଗୁରୁବାର ଗାଁରେ ଅଧିବାସ ଓ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ କଳସ ଶୋଭାଯାତ୍ରା ବାହାରି ଗାଁ ନିକଟସ୍ଥ ନଦୀରୁ ପୂର୍ଣ୍ଣଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ମୁକୁନ୍ଦ ବାଗ ଓ ପତ୍ନୀ ବୀଣା ବାଗଙ୍କ ସମେତ ଦମ୍ପତି ମଳୟ ହଂସ ଓ ଯମୁନା ହଂସ, ପାର୍ଥବ ସାହୁ ଓ ଦିବ୍ୟା ସାହୁ, ଖଗେଶ୍ୱର ପ୍ରଧାନ ଓ କ୍ଷୀରେଶ୍ୱରୀ ପ୍ରଧାନ, ରଘୁମଣୀ ପ୍ରଧାନ ଓ କଳ୍ପନା ପ୍ରଧାନ, ଗୋବିନ୍ଦ ବାଗ ଓ ପ୍ରମିଳା ବାଗ, ମଧୁସୂଦନ ସାହୁ ଓ ଦୀପ୍ତିମୟୀ ସାହୁ, ମୋତିଲାଲ ବାଗ ଓ ଉତ୍ପଳା ବାଗ, ଚତୁର୍ଭୁଜ ନେତାମ ଓ ଦ୍ରୌପଦୀ ନେତାମ, ଲିଙ୍ଗରାଜ ମାଝୀ ଓ ଯୋଗେଶ୍ୱରୀ ମାଝୀ, ଦେବ ସିଂ ମାଝୀ ଓ ବାସନ୍ତୀ ମାଝୀ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଭାବେ ପଣ୍ଡିତ ରଙ୍କମଣି ଦେବତା, ସହ ପୂଜକ ଭାବେ ଓଁକାରନାଥ ପାଢ଼ୀ, ସୁବାଷ ପାଢ଼ୀ, ଅରବିନ୍ଦ ତ୍ରିପାଠୀ, ଅନନ୍ତ ପାଢ଼ୀ, ଲିଙ୍ଗରାଜ ଷଡଙ୍ଗୀ, ବ୍ରିଜେଶ ଦେବତା ପ୍ରମୁଖ ଅଛନ୍ତି। ନିମନ୍ତ୍ରିତ ସଙ୍କୀର୍ତ୍ତନ ଦଳ ଗୁଡିକ ମଧ୍ୟରେ ଡୁମ୍ରେବାହାଲ ଗୌରହରି ସଙ୍କୀର୍ତ୍ତନ ଓ ରାଧାକୃଷ୍ଣ ସଙ୍କୀର୍ତ୍ତନ, ଡୁଙ୍ଗୁରିପାଲି ଜୟ ଜଗନ୍ନାଥ ସଙ୍କୀର୍ତ୍ତନ, ମାନିଗୁଡା ବାଙ୍କେ ବିହାରୀ ସଙ୍କୀର୍ତ୍ତନ, ଭୁଲିଆଡିହି ଜୟ ଜଗନ୍ନାଥ ସଙ୍କୀର୍ତ୍ତନ, ନାଗପାଲି ରାଧାକୃଷ୍ଣ ସଙ୍କୀର୍ତ୍ତନ, ଛତିଶଗଡ଼ ରାଧାକୃଷ୍ଣ ସଙ୍କୀର୍ତ୍ତନ, ଦେଉଁତି ସଙ୍କୀର୍ତ୍ତନୀ, ଛତିଶଗଡ଼ ଖୁର୍ସିପାହାର ରାଧାକୃଷ୍ଣ ସଙ୍କୀର୍ତ୍ତନ, ବେଲଗାଁ ସଙ୍କୀର୍ତ୍ତନ, ବଡଅନକି ରାଧାମାଧବ ସଙ୍କୀର୍ତ୍ତନ, ଟେମ୍ରିମାଲ ସଙ୍କୀର୍ତ୍ତନ ମଣ୍ଡଳୀ ଗୁଡିକ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ପାଇଁ ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପରିଚାଳନା ପାଇଁ କମିଟି ସଭାପତି ଭାବେ ତରଣୀସେନ ଷଡଙ୍ଗୀ, ସମ୍ପାଦକ ମଳୟ ହଂସ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଦେବତା କମିଟି ଦାୟିତ୍ୱରେ ରହିଛନ୍ତି। ଉପଦେଷ୍ଟା ପିତବାସ ଭୁକ୍ତା, ସନ୍ତୁ ନେତାମ, ଅକ୍ରୂର ଶଗଡ଼ିଆ, ରସିକ ବରିହା, ଗୟାଧର ବାଗ, ଦୟାରାମ ସାହୁ, ଜୟଦେବ ମାଝୀ, ରାୟଧର କରୁଆଲ, ଶୁଶିଲ କରୁଆଲ, ମଧୁସୂଦନ ସାହୁ, ଚତୁର୍ଭୁଜ ନେତାମ, ଚୂଡାମଣି ବାଗ, ଗୋବର୍ଦ୍ଧନ ଅମରୀ, ଗୌର ଅମରୀ, ଶଙ୍କର୍ଷଣ କନ୍ଧେର ଇନ୍ଦ୍ରମଣି ବାଗ, ହୃଷିକେଶ ବାଗ, ରେ‡ୀ ଭାସ୍କର, ବନବାସ ସାହୁ, ବୃନ୍ଦାବନ ଖୁମୁରୀ ପ୍ରମୁଖ ରହିଛନ୍ତି।

# ଡଙ୍ଗରମୁଣ୍ଡାରେ ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଗାଇସିଲେଟ, ୨୬।୨(ସମିସ):** ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ଅଧୀନ ଡଙ୍ଗରମୁଣ୍ଡା ଗାଁରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଘଣ୍ଟ ବାଦ୍ୟ ସଙ୍କୀର୍ତ୍ତନ ସହ ଶୋଭାଯାତ୍ରାରେ ବାହାରି ଗାଁର ପୋଖରୀରୁ କଳସ ଆଣି ମଣ୍ଡପରେ ସ୍ଥାପନ କରାହୋଇଥିଲା। ପରେ ଯୁବାଖୋଲ, କୁଲିଆରୀ, ପରମାନନ୍ଦପୁର, ଭେଲୁଆଁପଦର, କେନ୍ଦୁମାଲ, କାଦୋପାଣି, ଅର୍ଡା, ପଣ୍ଡୁରି, ଡୁଙ୍ଗୁରି, ବୁଧାପାଲି, ନିଲଜିପତ୍ରା, କନବାର ଓ ରଢ଼ିଆପାଲି ତଥା ଆଖପାଖ ଅଞ୍ଚଳର ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ଦଳ ମାନଙ୍କ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ଅର୍ପିତା ପଣ୍ଡା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ରବି ବେହେରା ଏବଂ ତାଙ୍କ ଧର୍ମପତ୍ନୀ ବିନୀ ବେହେରା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ମୁଖ୍ୟ ପୂଜକ ଭାବେ ବାନ୍ଦୁପାଲି ଗାଁର ବଳରାମ ପଣ୍ଡା ଓ ସହଯୋଗୀ ସୁଶାନ୍ତ ପଣ୍ଡା ଏବଂ ପ୍ରଶାନ୍ତ ପଣ୍ଡା ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ କମିଟି ଓ ଗ୍ରାମବାସୀ ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଜଳଛତ୍ର ଓ ଅନ୍ନଛତ୍ରର ବ୍ୟବସ୍ଥା କରି ସମସ୍ତ ସେବା ଯୋଗାଇବାରେ ନିଜକୁ ନିୟୋଜିତ କରିଥିଲେ। ପରେ ଗାୟିକା ଯମୁନା ଭୋଇ, ବର୍ଷାରାଣୀ ଟିର୍ଗୁନ, ବାୟକ ସୁବାସ ଏବଂ ଜିତୁଙ୍କ କୀର୍ତ୍ତନ ଦଳକୁ ନେଇ ବୈଠକି କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।



# ବ୍ରିଜ୍ ରେଲିଂ ଉପରକୁ ମାଡ଼ିଗଲା ବସ୍




**ଅତାବିରା, ୨୬।୨ (ସମିସ):** ସମ୍ବଲପୁର-ବରଗଡ଼ ଏନ୍‌ଏଚ୍ ୫୩ ଅତାବିରା ଶ୍ମଶାନଘାଟ ସଂଲଗ୍ନ ଦମଦମା ବ୍ରିଜ ରେଲିଂ ଉପରକୁ ବଣ୍ଟି ନାମକ ଏକ ବସ୍ ମାଡ଼ି ଯାଇଥିବା ଦେଖିବାକୁ ମିଳିଛି। ବସରେ ଥିବା ପାଖାପାଖି ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ବଡ଼ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ଗୁରୁବାର ସକାଳ ପ୍ରାୟ ୮ଟାରେ ବସ୍‌ଟି ଓଭର ଟେକ୍ କରିବାକୁ ଯାଇ ନିୟନ୍ତ୍ରଣ ହରାଇ ପୋଲ ଉପରେ ଚଢ଼ିଯାଇଥିବା କିଛି ଦେଖଣାହାରୀ କହିଛନ୍ତି। ବ୍ରିଜ୍ ଉପରେ ଦୁର୍ଘଟଣା ହୋଇଥିବାରୁ ଲୋକ ମାନଙ୍କ ଭିଡ଼ ହୋଇ ଟ୍ରାଫିକ୍ ଜାମ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହ ଆହତଙ୍କୁ ପ୍ରାଥମିକ ସରକାରୀ ଡାକ୍ତରଖାନା ନେବା ପାଇଁ ବ୍ୟବସ୍ଥା କରିଥିଲା।

# ରଣେଶ୍ୱରୀ ରାମଚଣ୍ଡୀ କୁଳତା ସମାଜର ନୂତନ କମିଟି ଗଠନ



**ଝାରବନ୍ଧ, ୨୬।୨(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଲୌଡିଦରହା ପଞ୍ଚାୟତର ଡୁଙ୍ଗୁରିପାଲି ଗାଁର ରଣେଶ୍ୱରୀ ରାମଚଣ୍ଡୀ କୁଳତା ସମାଜର ନୂତନ କମିଟି ଗଠନ କରାଯାଇଛି। ଆୟୋଜିତ ବୈଠକରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ କମିଟି ଗଠନ ହୋଇଛି। ନୂତନ କମିଟିରେ ସଭାପତି ଭାବେ ସମୀର ପ୍ରଧାନ, ଉପସଭାପତି ଭାବେ ପ୍ରମୋଦ ପ୍ରଧାନ, ସମ୍ପାଦକ ଭାବେ ରସାନନ୍ଦ ପ୍ରଧାନ ଓ ସହସମ୍ପାଦକ ଭାବେ ବଳରାମ ଖମାରୀ ଚୟନ ହୋଇଛନ୍ତି। ଏହାସହ ମନୋଜ ପ୍ରଧାନ, ଚୂଡାମଣି ସାହୁ, ମହେନ୍ଦ୍ର ପ୍ରଧାନ, ଉଗ୍ରେସନ ପ୍ରଧାନ, ସଙ୍କୀର୍ତନ ସାହୁ, କେଶବ ପ୍ରଧାନ, ଡୋଳାମଣି ପ୍ରଧାନ ଓ ପ୍ରବୀଣ ଭୋଇଙ୍କୁ ସଭ୍ୟ ଭାବେ ନିର୍ବାଚିତ କରାଯାଇଛି।

# ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ଉତ୍ସବ

**ପାଇକମାଳ, ୨୬।୨(ସମିସ):** ପାଇକମାଳ ବ୍ଲକ ଛିନ୍ଦେଇକେଲା ଗାଁରେ ନୂତନ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୃହ ପ୍ରତିଷ୍ଠା କର୍ତ୍ତା ଭାବେ ଇନ୍ଦ୍ରମଣି ସାହୁ ଓ ଧର୍ମପତ୍ନୀ ଜେମା ସାହୁ ଏବଂ ନାମଯଜ୍ଞ କର୍ତ୍ତା ଭାବେ ପର୍ଶୁରାମ ସାହୁ ଓ ଧର୍ମପତ୍ନୀ ଜେମା ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜକ ଭାବେ ସନ୍ତୋଷ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଶୁକ୍ରବାର ନାମାରମ୍ଭ ହୋଇ ଶନିବାର ପୂର୍ଣ୍ଣାହୂତି ହେବ। ଏହି ଅବସରରେ ସଭାପତି ପର୍ଶୁରାମ ସାହୁ, ସମ୍ପାଦକ ସୁରେଶ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ଧରୁଆ, ଉପଦେଷ୍ଟା ନନ୍ଦି କିଶୋର ନନ୍ଦ, ବ୍ରଜକିଶୋର ସାହୁ, ସୁଧାଂଶୁ ଶେଖର ସେଠ, କୈଳାସ ସାହୁ, ଖାଡିଆ ସାହୁ, ଜୟଦେବ ବାଗ, ଲଳିତ ଭୋଇ, ସାଧୁ ଚରଣ ସାହୁ, ନିତ୍ୟାନନ୍ଦ ସାହୁ, ଗୌରଚରଣ ଭୋଇ, ପ୍ରେମ ସାହୁ, ଅମ୍ବିକା ସାହୁ, ଧନମତୀ ସାହୁ, ମଲ୍ଲି ସାହୁ, ସନ୍ତୋଷୀନି ସାହୁ, ସୁବାଷୀନି ନନ୍ଦ, ଗୌରୀ ସାହୁ, ପ୍ରୀତି ସାହୁ, ସୂର୍ଯ୍ୟ ସାହୁ, ସାବିତ୍ରୀ ଭୋଇ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଫେବୃଆରୀରୁ ପାଣି ସମସ୍ୟା, ଲୋକେ ହନ୍ତସନ୍ତ



**ପାଇକମାଳ, ୨୬।୨(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଝିଟିକି ପଞ୍ଚାୟତ ହାଇସ୍କୁଲ ମୁନିଖେଳ ସ୍କୁଲ ପଡ଼ାର ପଡ଼ାବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରୀଷ୍ମ ପ୍ରାରମ୍ଭରୁ ପିଇବା ପାଇଁ ସମସ୍ୟା ଦେଖାଦେଲାଣି। ପିଇବା ପାଇଁ ସୁବିଧା ନହେବାରୁ ପଡ଼ାବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ବରପାଲିରେ ଏକ ଓଭର ହେଡ ପାଣିଟାଙ୍କି ରହିଛି। କିନ୍ତୁ ପାଣି ଏହି ପଡ଼ାରେ ଥିବା ୧୦ଟି ପରିବାର ପିଇବା ପାଣି ପାଇଁ ବଞ୍ଚିତ ହେଉଛନ୍ତି। ଏପଟେ ଧିରେ ଧିରେ ଖରା ବଢୁଥିବାରୁ ଏହି ଅବସ୍ଥା ଆଗକୁ ପରିସ୍ଥିତି ଆହୁରି ଖରାପ ହେବ। ପଡ଼ାବାସୀ ବିଦ୍ୟାଳୟ ନିକଟରେ ଥିବା ଏକ ନଳକୂପ ଉପରେ ନିର୍ଭର କରୁଛନ୍ତି। ପଡ଼ାବାସୀ ବିଭାଗୀୟ ଯନ୍ତ୍ରୀଙ୍କୁ ଏ ବିଷୟରେ ଅବଗତ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଦିବାକର ମୁନ୍ନାଙ୍କୁ ପଚାରିବାରୁ ଏ ବିଷୟରେ ଅବଗତ ଅଛନ୍ତି ଏବଂ ଖୁବ୍‌ଶୀଘ୍ର ପଡ଼ାବାସୀଙ୍କ ପାଇଁ ପିଇବା ପାଇଁ ବ୍ୟବସ୍ଥା କରାଯିବା ବୋଲି ସେ କହିଛନ୍ତି।

# ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ

**ଝାରବନ୍ଧ, ୨୬।୨(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଭଣ୍ଡାରପୁରୀ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୀର୍ତିଲାଲ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନିଜ ନୂତନ ଓ ସୃଜନଶୀଳ ବିଜ୍ଞାନ ଓ ଗଣିତ ମଡେଲ୍ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିକେଶନ ଶତପଥୀ ଏବିଇଓ ଝାରବନ୍ଧ ଯୋଗ ଦେଇଥିଲେ। ସ୍କୁଲ ଚେୟାରମ୍ୟାନ ତୀର୍ଥ ପଟେଲ, ଜାମପାଲି କ୍ଲଷ୍ଟରର ସିଆରସିସି କରୁଣାକର ପ୍ରଧାନ ଏବଂ ବଡଅନକି ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଦର୍ଶନୀରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ବିଜ୍ଞାନ ଓ ଗଣିତ ଭିତ୍ତିକ ନବୀନ ମଡେଲ୍ ପ୍ରଦର୍ଶନ କରିଥିଲେ। ଶିକ୍ଷକ ସୁଧୀର ସାହୁ ଓ ଝାରବନ୍ଧ କ୍ଲଷ୍ଟରର ସିଆରସିସି ଗୋପାଳ ହରିଜନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଝାରବନ୍ଧ ବ୍ଲକର ଅକ୍ରୁର ସାହୁ ଲେରଗାଁ ସିଆରସିସି, କ୍ଷୀରୋଦ୍ର ମହାନନ୍ଦ ଡଭା ସିଆରସିସି, ଜଗଦୀଶ ସେଠ ନିଳଜୀପତ୍ରା ସିଆରସିସି, ରାଜେନ୍ଦ୍ର ମହାକୁର ଚନ୍ଦ୍ରମଣିପୁର ସିଆରସିସି, ନୀଳାମ୍ବର ସାହୁ ଜଗଦଳପୁର ସିଆରସିସି, ବିଷ୍ଣୁ ଚରଣ ସାହୁ ଭଣ୍ଡାରଜୋରୀ ସିଆରସିସିଙ୍କ ସହିତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଭୂତମୁଣ୍ଡା ଜୟ ବୁଢ଼ାରଜା କ୍ରିକେଟ

# ରାଣୀଦର୍ହାକୁ ହରାଇ ସେମିରେ ଛିନପାଣି

**ପାଇକମାଳ, ୨୬।୨(ସମିସ)**

ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡା ଗାଁରେ ଷଷ୍ଠ ଜୟ ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ରାଣୀଦର୍ହାକୁ ହରାଇ ସେମିରେ ଛିନପାଣିରେ ପ୍ରବେଶ କରିଛି। ସ୍ପୋର୍ଟସ କ୍ଲବ୍‌ର ପୂର୍ବତନ ସଦସ୍ୟ ବୃନ୍ଦ ମହେନ୍ଦ୍ର ପଟେଲ, ସରଜୁ ପ୍ରସାଦ ବାରିକ, କୈଳାସ ଲୁହୁରା, ପ୍ରଦୀପ ବଢ଼େଇ, ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ମାଣ୍ଡୋସିଲ ଓ ଛିନପାଣି ମଧ୍ୟରେ ଛିନପାଣି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ରାଣିଦର୍ହା ଓ ପୁରେନା ମଧ୍ୟରେ ରାଣିଦର୍ହା ବିଜୟୀ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଣିଦର୍ହା ଓ ଛିନପାଣି ମଧ୍ୟରେ ହୋଇଥିଲା। ଏଥିରେ ଛିନପାଣି ବିଜୟୀ ହୋଇ ସେମିର ଫାଇନାଲରେ ପ୍ରବେଶ କରିଛି। ସ୍କୋରର ଭାବେ ଆଶୀଷ ପ୍ରଧାନ, ଶଶୀଭୂଷଣ ପଟେଲ, ଆମ୍ପାୟର ଭାବେ ରୂପେଶ ସାହୁ, ସାର୍ଥକ ମହାନ୍ତି ଦାୟିତ୍ୱ ତୁଲାଇ ଥିଲେ। ସୌମ୍ୟରଞ୍ଜନ ମହାନ୍ତି, ସନ୍ତୋଷ ପଣ୍ଡା, କୈଳାସ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ଅମୀୟ ପ୍ରଧାନ, ଅଜିତ ପ୍ରଧାନ, ଜୟକାନ୍ତ ମାଝୀ, ଆକାଶ ମଲ୍ଲିକ, ଯଦୁମଣି ମାଝୀ ତଥା କ୍ଲବ୍‌ର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



# ଝାଞ୍ଜପାହାଡ଼ରେ ଦେଶୀ ମଦ ବନ୍ୟା, ଅବକାରୀ ବିଭାଗ ନିଦାବିଷ୍ଟ

**ପଦ୍ମପୁର, ୨୬।୨(ସମିସ):** ପଦ୍ମପୁର ଉପକଣ୍ଠ ଝାଞ୍ଜପାହାଡ ଅଞ୍ଚଳରେ ଅବାଧ ଭାବେ ଦେଶୀ ମଦ ରନ୍ଧା ହେଉଥିବା ଅଭିଯୋଗ କରି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ମଦୁଆ ମାନେ ରାସ୍ତାଘାଟରେ ଉତ୍ପାତ ସୃଷ୍ଟି କରୁଥିବା ମଧ ଦେଖାଯାଇଛି। ଏଭଳି ପରିସ୍ଥିତି ସତ୍ତ୍ୱେ ଅବକାରୀ ବିଭାଗ ଏବଂ ସ୍ଥାନୀୟ ପୁଲିସ ପକ୍ଷରୁ କୌଣସି କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ପ୍ରଶ୍ନ ଉଠିଛି। ବିଭାଗୀୟ ଅଧିକାରୀମାନେ ଏହି ବେଆଇନ କାରବାର ବିଷୟରେ ଜାଣିଥିଲେ ମଧ ନୀରବ ରହୁଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ମାନେ ଶୀଘ୍ର ବେଆଇନ ଦେଶୀ ମଦ ବିକ୍ରି ସ୍ଥାନରେ ଚଢ଼ଉ କରି ଏହି କାରବାରକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ଆହତ ପୁଲିସଙ୍କୁ ଭେଟିଲେ ଟ୍ରାଫିକ ସଚେତନତା ସଂଯୋଜକ

**ବରଗଡ଼, ୨୬।୨(ସମିସ):** ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ପୁଲିସ୍ କର୍ମଚାରୀ ରାଜିବ ଭୋସାଗର ଓ ଦିଲିପ୍ ମୁର୍ଗୀଙ୍କୁ ବରଗଡ଼ ବିକାଶ ହସ୍ପିଟାଲ୍‌ରେ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ସାକ୍ଷାତ କରି ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଗତ ରବିବାର ଭୋର ସମୟରେ ଏକ ପୁଲିସ ଭ୍ୟାନ୍ ସହିତ ଗୋଟିଏ ଟ୍ରେଲର ମୁହାଁ ମୁହିଁ ଧକ୍କା ହୋଇଥିଲା। ଏଥିରେ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ପୁଲିସ କର୍ମଚାରୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ପୁଲିସ କର୍ମଚାରୀଙ୍କ ଚିକିତ୍ସା ବରଗଡ଼ ବିକାଶ ହସ୍ପିଟାଲରେ ପରିଚାଳିତ ହେଉଛି। ଆଜିର ସାକ୍ଷାତ ଅବସରରେ ସଂଯୋଜକ ଶ୍ରୀ ଭୋସାଗର ଆହତ ପୁଲିସ କର୍ମଚାରୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ପଦ୍ମପୁର ତହସିଲ ଅଫିସରେ ଦଲାଲ ରାଜ

**ପଦ୍ମପୁର, ୨୬।୨(ସମିସ):** ପଦ୍ମପୁର ତହସିଲ ଅଫିସରେ ଦଲାଲ ରାଜ ଚାଲିଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ତହସିଲ କାର୍ଯ୍ୟାଳୟର କେତେକ ତଳସ୍ତରୀୟ କର୍ମଚାରୀଙ୍କ ସମ୍ପୃକ୍ତି ଥିବାରୁ ବିଭିନ୍ନ ସମୟରେ ଆବେଦନକାରୀ ମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ଅଭିଯୋଗ ହୋଇଛି। ଲୋକଙ୍କ କହିବା ଅନୁସାରେ, ସରକାରୀ ନିର୍ଦ୍ଧାରିତ ଶୁଳ୍କ ବ୍ୟତୀତ ଅତିରିକ୍ତ ଟଙ୍କା ଦେଲେ ଯାଇ କାମ ହେଉଛି। ଦଲାଲମାନେ ଖୋଲାଖୋଲି ଭାବେ ଅଫିସ ପରିସରରେ ଘୁରିବା ସହ ଆବେଦନକାରୀଙ୍କୁ ଧରି କାମ କରାଇବା ପାଇଁ ମଧ୍ୟସ୍ଥତା କରୁଥିବା ଦୃଶ୍ୟ ପ୍ରତିଦିନ ଦେଖିବାକୁ ମିଳୁଛି। ଯେଉଁମାନେ ଦଲାଲଙ୍କ ସାହାଯ୍ୟ ନେଉନାହାନ୍ତି ସେମାନଙ୍କ ଫାଇଲ ଦିନ ଦିନ ଧରି ପଡ଼ି ରହୁଥିବା ଅଭିଯୋଗ ହେଉଛି। ଡିଜିଟାଲ ବ୍ୟବସ୍ଥା ଓ ଅନଲାଇନ ସେବା ରହିଥିଲେ ମଧ ଦଲାଲ ମାନେ ସକ୍ରିୟ ରହିଛନ୍ତି। ଏହାଦ୍ୱାରା ସରକାରଙ୍କ ପ୍ରତି ଲୋକମାନଙ୍କର ଆସ୍ଥା କ୍ଷୀଣ ହେଉଛି। ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମାନେ ଜିଲ୍ଲା ପ୍ରଶାସନଙ୍କୁ ଦାବି କରିଛନ୍ତି। ସିସିଟିଭି ନିରୀକ୍ଷଣ କଡାକଡି କରିବା, ହେଲ୍ପଡେସ୍କ ସୁଦୃଢ଼ କରିବା ଓ ଦଲାଲମାନଙ୍କୁ ଅଫିସ ପରିସରରୁ ହଟାଇବା ପାଇଁ ମଧ ଦାବି ଉଠିଛି।

# ଲତା ମାଝୀଙ୍କ ପରଲୋକ

**ଗାଇସିଲେଟ, ୨୬।୨(ସମିସ):** ଗାଇସିଲେଟ ବ୍ଲକ ଅଧୀନ ଗ୍ରିଣ୍ଡୋଲମାଲ ଗାଁର ଧର୍ମପରାୟଣ ମହିଳା ଲତା ମାଝୀ ( ୯୩)



ଙ୍କ ପରଲୋକ ହୋଇଯାଇଛି। ଆଜି ଭୋର ସମୟରେ ନିଜ ବାସସ୍ଥାନରେ ତାଙ୍କ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟିଛି। ତାଙ୍କ ପରଲୋକ ସମ୍ବାଦରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ବେଳେ ପୁଅ ଭଗବାନ, ହରି, କାହ୍ନୁ, ବେଣ୍ଟୁ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଉପସ୍ଥିତ ଥିବା ବେଳେ ଗାଁର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଲତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ଶ୍ମଶାନରେ ଶବସତ୍କାର କରାଯାଇଥିବା ବେଳେ ବଡ ପୁଅ ଚତୁର୍ଭୁଜ ମାଝୀ ମୁଖାଗ୍ନି ଦେଇଥିଲେ।

# ଘଣ୍ଟେଶ୍ୱରୀ ପୀଠ ପରିଚାଳନା କମିଟିର କର୍ମକର୍ତ୍ତା ଚୟନ

**ଅମ୍ବାଭୋନା, ୨୬।୨(ସମିସ):** ଅମ୍ବାଭୋନା ଓ ଭଟଲି ବ୍ଲକର ସୀମାନ୍ତ ଘଣ୍ଟେଶ୍ୱରୀ ପୀଠରେ ଯାଦବ ପଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାଁ ଘଣ୍ଟେଶ୍ୱରୀ ପୀଠର ଭିତ୍ତିଭୂମି ବିକାଶ ଓ କମିଟି ଗଠନ ମୂଳକ କାର୍ଯ୍ୟାଧାରା ଉପରେ ଆଲୋଚନା ହୋଇଥିଲା। କମିଟିକୁ ସୁଦୃଢ଼ ଓ ମଜବୁତ କରିବାକୁ ସର୍ବସମ୍ମତି କ୍ରମେ ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଗୌତମ ସାହୁ, ସମ୍ପାଦକ କୁମର ଜଗତ, କୋଷାଧ୍ୟକ୍ଷ ଚୈତନ୍ୟ ପଧାନ, ଉପସଭାପତି ଅଙ୍ଗଦ ଭୁଏ, ସହ ସମ୍ପାଦକ ପଦ୍ମମୁଖ ମହାପାତ୍ର ଏବଂ କମିଟିକୁ ମାର୍ଗଦର୍ଶନ ସକାଶେ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା। କମିଟିରେ ଯାଦବ ପଧାନ, ଦେବେନ୍ଦ୍ର ପଧାନ, ଶଶିଭୂଷଣ ନାୟକ, ସନାତନ, ଦାମୋଦର ଭୋଇ, ଗୋବର୍ଦ୍ଧନ ବରିହା, ବିଶ୍ୱନାଥ ମିଶ୍ର, ବିରଞ୍ଚି ଭୋଇ, କେଶବ ଭୁଏ, ଶୁଭ ନାୟକ, ପ୍ରଭାକର ଭୋଇ, ଗଙ୍ଗାଧର ସେଠ, କାଳିଆ ବରିହା, ବିଶ୍ୱନାଥ ପଧାନ, ମୁକୁନ୍ଦ ପଧାନ ପ୍ରମୁଖ ମନୋନୀତ ହୋଇଥିଲେ। ଶେଷରେ ଯାଦବ ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କରିଥିଲେ।

# କାଂସଡାରେ ୧୬ ପ୍ରହର ନାମଯଜ୍ଞ

**ପାଇକମାଳ, ୨୬।୨(ସମିସ):** ପାଇକମାଳ ବ୍ଲକ କାଂସଡାରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର କଳସଯାତ୍ରା ହୋଇ ଗୁରୁବାର ନାମାରମ୍ଭ ହୋଇଥିଲା। କର୍ତ୍ତା ଭାବେ ଅରବିନ୍ଦ ଭୋଇ ଓ ଧର୍ମପତ୍ନୀ ଲିପିକା ଭୋଇ ଥିବା ବେଳେ ମୁଖ୍ୟ ପୂଜକ ଭାବେ ଚୂଡାମଣି ଦୁବେ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ପ୍ରତ୍ୟେକ ଦିନ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି। ଏଥିରେ ନାମଯଜ୍ଞ ପୂଜା କମିଟି, ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି। ୨୮ ତାରିଖ ପୂର୍ଣ୍ଣାହୂତି ହୋଇ ନାମଯଜ୍ଞ ସମ୍ପନ୍ନ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

